# NATIONAL NEWS BULLETIN (ODIA)
## 17 December - 2025
## Evening Bulletin : 7.15 p.m.

**********************************

## ମୁଖ୍ୟ ସମ୍ବାଦ

- ତ୍ରିରାଷ୍ଟ୍ରୀୟ ଗସ୍ତର ଅନ୍ତିମ ପର୍ଯ୍ୟାୟରେ ଆଜି ଓମାନ୍‌ରେ ପହଞ୍ଚିଲେ ପ୍ରଧାନମନ୍ତ୍ରୀ ।
- ବିକଶିତ ଭାରତ ପାଇଁ ବିକଶିତ ଗ୍ରାମୀଣ ଢ଼ାଞ୍ଚା ପ୍ରସ୍ତୁତ କରିବାରେ ଭି.ବି.ଜି ରାମଜୀ ବିଲ୍ ୨୦୨୫ ସହାୟକ ହେବ - ଲୋକସଭାରେ କହିଲେ କେନ୍ଦ୍ରମନ୍ତ୍ରୀ ଶିବରାମ ସିଂହ ଚୌହ୍ୱାନ ।
- ସଂସଦର ଅନୁମୋଦନ ଲାଭ କଲା 'ସବ୍ କା ବୀମା, ସବ୍ କୀ ରକ୍ଷା ବିଲ୍ ୨୦୨୫' ।
- ଭାରତ-ଓମାନ ମଧ୍ୟରେ ସମନ୍ୱିତ ଅର୍ଥନୈତିକ ଭାଗିଦାରୀ ଚୁକ୍ତିନାମା ସ୍ୱାକ୍ଷରିତ ହେବ ଆସନ୍ତାକାଲି ।

ଏବଂ

- ଭାରତ ଦକ୍ଷିଣ ଆଫ୍ରିକା ମଧ୍ୟରେ ଲକ୍ଷ୍ନୌରେ ହେବାକୁ ଥିବା ଟି-୨୦ ଆନ୍ତର୍ଜାତିକ କ୍ରିକେଟ୍ ମ୍ୟାଚ୍ କୁହୁଡି ଯୋଗୁଁ ବିଳମ୍ବିତ ।

# ପିଏମ୍-ଓମାନ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କର ତ୍ରିରାଷ୍ଟ୍ରୀୟ ଗସ୍ତର ଅନ୍ତିମ ପର୍ଯ୍ୟାୟରେ ଦୁଇଦିନିଆ ଓମାନ ଗସ୍ତରେ ଯାଇ ଏଇ କିଛିସମୟ ପୂର୍ବରୁ ମସ୍କାଟ୍‌ଠାରେ ଅବତରଣ କରିଛନ୍ତି । ବିମାନ ବନ୍ଦରରେ ଓମାନର ଉପ-ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀଙ୍କୁ ସ୍ୱାଗତ କରିଥିଲେ । ଇଥିଓପିଆ ଗସ୍ତ ଶେଷ କରି ଆଜି ସେ ଓମାନ୍ ଯାତ୍ରା କରିଥିଲେ । ଓମାନ୍ ରାଷ୍ଟ୍ର ମୁଖ୍ୟ ସୁଲତାନ ହାଇଥାମ୍ ବିନ୍ ତାରିକ୍‌ଙ୍କ ନିମନ୍ତ୍ରଣ କ୍ରମେ ଶ୍ରୀ ମୋଦୀ ଏହି ଗସ୍ତରେ ଯାଇଛନ୍ତି । ପ୍ରଧାନମନ୍ତ୍ରୀଙ୍କ ସହ ଏକ ଉଚ୍ଚ ପ୍ରତିନିଧି ମଣ୍ଡଳୀ ମଧ୍ୟ ଓମାନ୍ ଗସ୍ତ କରିଛନ୍ତି । ଆମ ସମ୍ବାଦଦାତାଙ୍କଠାରୁ ମିଳିଥିବା ସୂଚନା ଅନୁଯାୟୀ ଭାରତ-ଓମାନ ମଧ୍ୟରେ କୂଟନୈତିକ ସମ୍ପର୍କର ୭୦ବର୍ଷ ପୂର୍ତ୍ତି ଅବସରରେ ଶ୍ରୀ ମୋଦୀଙ୍କର ଏହି ଗସ୍ତ ଗୁରୁତ୍ୱ ବହନ କରେ । ଗସ୍ତ ଅବସରରେ ଉଭୟ ଦେଶ ମଧ୍ୟରେ ବିଭିନ୍ନ କ୍ଷେତ୍ରରେ ସହଯୋଗ ଅଧିକ ସଶକ୍ତ ହେବା ସହ ଆର୍ଥିକ ସହଭାଗିତା ବୃଦ୍ଧି ନେଇ କେତେକ ବୁଝାମଣାପତ୍ର ସ୍ୱାକ୍ଷରିତ ହେବାର କାର୍ଯ୍ୟସୂଚୀ ରହିଛି ।

ଆଜି ପ୍ରଧାନମନ୍ତ୍ରୀ ଆଦିସ୍-ଅବାବାଠାରେ ଇଥୋପିଆ ସଂସଦର ମିଳିତ ଅଧିବେଶନରେ ଉଦ୍‌ବୋଧନ ଦେଇ କହିଛନ୍ତି, ଭାରତରେ ଜାତୀୟ ସଂଗୀତ ବନ୍ଦେ ମାତରମ ଏବଂ ଇଥୋପିଆର ଜାତୀୟ ସଂଗୀତ ଉଭୟ ଦେଶ ମାତୃକାର ସମ୍ମାନ ପାଇଁ ଉଦ୍ଦିଷ୍ଟ । ଏହି ସଂଗୀତ ଆମକୁ ଦେଶ ମାତୃକାର ଐତିହ୍ୟ, ସଂସ୍କୃତି, ସୌନ୍ଦର୍ଯ୍ୟ ଏବଂ ସୁରକ୍ଷା ପାଇଁ ଗୌରବାନ୍ୱିତ

କରିଥାଏ । ଇଥୋପିଆର ଆଦିସ୍ ଏବଂ ଧୋଲେରା ବନ୍ଦର କେବଳ ବାଣିଜ୍ୟିକ କେନ୍ଦ୍ର ନୁହଁନ୍ତି ବରଂ ଦୁଇ ସଭ୍ୟତାର ଏକ ସେତୁ ବୋଲି ପ୍ରଧନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି । ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀଙ୍କୁ ଇଥୋପିଆର ସର୍ବୋଚ୍ଚ ସମ୍ମାନ 'ଦ ଗ୍ରେଟ୍ ଅନର ନିଶାନ ଅଫ୍ ଇଥୋପିଆ'ରେ ସମ୍ମାନିତ କରାଯାଇଛି । ପ୍ରଧାନମନ୍ତ୍ରୀଙ୍କ ଗସ୍ତ ଅବସରରେ ଦୁଇଦେଶ ମଧ୍ୟରେ ବିଭିନ୍ନ କ୍ଷେତ୍ରରେ ୮ଟି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି ।

## ଏଲ୍ଏସ୍- ଜି ରାମ୍ ଜି ବିଲ୍

ବିକଶିତ ଭାରତ ରୋଜଗାର ଏବଂ ଜୀବିକା ମିଶନପାଇଁ ଗ୍ୟାରେଣ୍ଟି ଅଭିଯାନ (ଗ୍ରାମୀଣ) - VB G. RAM G-2025 ବିଲ୍ ଉପରେ ଲୋକସଭାରେ ଆଲୋଚନା ଜାରି ରହିଛି । କେନ୍ଦ୍ର ଗ୍ରାମୀଣ ବିକାଶ ମନ୍ତ୍ରୀ ଶିବରାଜ ସିଂହ ଚୌହାନ କହିଛନ୍ତି, ଏହା ଗୃହୀତ ହେବା ଦ୍ୱାରା ଏହି ବିଲ୍ ୨୦ବର୍ଷର ପୁରାତନ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଯୁକ୍ତି ଗ୍ୟାରେଣ୍ଟି ଆଇନ୍-୨୦୦୫ର ସ୍ଥାନ ନେବ । ୨୦୪୭ ସୁଦ୍ଧା ବିକଶିତ ଭାରତ ଭିଜନ ଅଧୀନରେ ଏକ ଗ୍ରାମୀଣ ବିକାଶ ଢ଼ାଞ୍ଚା ପ୍ରସ୍ତୁତ କରିବାରେ ଏହି ବିଲ୍ ସହାୟକ ହେବ । ଏଥିରେ ଗ୍ରାମୀଣ ପରିବାରକୁ ୧୨୫ ଦିନର ମଜୁରୀ ଆଧାରିତ ନିଯୁକ୍ତି ଗ୍ୟାରେଣ୍ଟି ପ୍ରଦାନ କରାଯାଇଛି । ବିଲ୍‌ରେ ସଶକ୍ତୀକରଣ,

ବିକାଶ, ସମନ୍ୱୟ ଏବଂ ସମ୍ପୂର୍ଣ୍ଣତା ଉପରେ ମଧ୍ୟ ଧ୍ୟାନ ଦିଆଯାଇଛି ବୋଲି ଶ୍ରୀ ଚୌହାନ୍ କହିଛନ୍ତି ।

***Voice (Sivaraj)***......

# ଆର୍‌ଏସ୍-ବୀମା ବିଲ୍

'ସବ୍‌କା ବୀମା, ସବ୍ କା ରକ୍ଷା'- ବୀମା ଆଇନ୍ ସଂଶୋଧନ ବିଲ୍ ୨୦୨୫ ଆଜି ରାଜ୍ୟସଭାରେ ପାରିତ ହେବା ପରେ ସଂସଦର ଅନୁମୋଦନ ଲାଭ କରିଛି । ବୀମା ଆଇନ୍ ୧୯୩୮, ଜୀବନବୀମା ନିଗମ ଆଇନ୍ ୧୯୫୬ ଏବଂ ବୀମା ନିୟାମକ ଓ ବିକାଶ ପ୍ରାଧିକରଣ ଆଇନ୍ ୧୯୯୯କୁ ସଂଶୋଧନ କରିବା ହେଉଛି ଏହି ବିଲ୍‌ର ଉଦ୍ଦେଶ୍ୟ । ଏହି ବିଲ୍ ଦ୍ୱାରା ଭାରତୀୟ ବୀମା କମ୍ପାନୀ ଗୁଡ଼ିକରେ ବିଦେଶୀ ପ୍ରତ୍ୟକ୍ଷ ପୁଞ୍ଜି ପରିମାଣକୁ ମୂଳଧନର ୭୪ପ୍ରତିଶତରୁ ୧୦୦ପ୍ରତିଶତକୁ ବୃଦ୍ଧି କରାଯାଇ ପାରିବ ।

ଦେଶରେ ବୀମା କ୍ଷେତ୍ରର ବିକାଶ ଏବଂ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ସହିତ ବୀମାଧାରୀଙ୍କ ସୁରକ୍ଷାକୁ ଏହାଦ୍ୱାରା ସୁନିଶ୍ଚିତ କରାଯାଇପାରିବ । ବୀମା କମ୍ପାନୀ ଗୁଡ଼ିକର କାର୍ଯ୍ୟଶୈଳୀକୁ ଅଧିକ ସୁଗମ କରିବା ଏବଂ ନିୟାମକ ପ୍ରଣୟନ କ୍ଷେତ୍ରରେ ଅଧିକ ସ୍ୱଚ୍ଛତା ଆଣିବା ଦିଗରେ ଏହି ବିଲ୍ ସହାୟକ ହୋଇପାରିବ ।

ଏହି ଆଲୋଚନାରେ ବିଜେପିର ସାଂସଦ ଅରୁଣ ସିଂହ, କଂଗ୍ରେସର ଶକ୍ତିସିନ ଗୋହିଲ, ଟିଏମ୍‌ସିର ସାକେତ ଗୋଖେଲ ଡିଏମ୍‌କେର ଡକ୍ଟର କାନି ମୋଝି ପ୍ରମୁଖ ଅଂଶଗ୍ରହଣ କରି ନିଜନିଜର ସୁଚିନ୍ତିତ ମତାମତ ବ୍ୟକ୍ତ କରିଛନ୍ତି ।

## ରାଷ୍ଟ୍ରପତି-ସଦନ୍ ସୋଜର୍ଣ୍ଣ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ଆନ୍ଧ୍ରପ୍ରଦେଶ ଗସ୍ତ ଶେଷ କରି ଅପରାହ୍ଣରେ ହାଇଦ୍ରାବାଦର ହାକିମପେଟ ବିମାନ ବନ୍ଦରରେ ପହଞ୍ଚିଛନ୍ତି । ବିମାନ ବନ୍ଦରରୁ ରାଷ୍ଟ୍ରପତି ସିକନ୍ଦରାବାଦର ବୋଲାରମସ୍ଥିତ ରାଷ୍ଟ୍ରପତି ନିଲୟମ ଅଭିମୁଖେ ଯାତ୍ରା କରିଛନ୍ତି । ଆଜିଠାରୁ ୨୨ ତାରିଖ ପର୍ଯ୍ୟନ୍ତ ରାଷ୍ଟ୍ରପତି ନିଲୟମଠାରୁ ରାଷ୍ଟ୍ରପତିଙ୍କର କାର୍ଯ୍ୟାଳୟ କାର୍ଯ୍ୟ କରିବ ବୋଲି ସୂଚନା ମିଳିଛି ।

ଆସନ୍ତା ଶୁକ୍ରବାର ଦିନ ହାଇଦ୍ରାବାଦଠାରେ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟ ରାଜ୍ୟ ଲୋକସେବା ଆୟୋଗଙ୍କ ଜାତୀୟ ଅଧ୍ୟକ୍ଷ ସମ୍ମିଳନୀକୁ ରାଷ୍ଟ୍ରପତି ଉଦ୍‌ଘାଟନ କରିବେ । ୨୦ ତାରିଖରେ ଗଚିବୌଲି ଠାରେ ବ୍ରହ୍ମା କୁମାରୀ ଶାନ୍ତି ସରୋବର ଦ୍ଵାରା ଆୟୋଜିତ ଭାରତର କାଳଜୟୀ ଜ୍ଞାନ ଶାନ୍ତି ଓ ପ୍ରଗତିର ପଥ ଶୀର୍ଷକ ସମ୍ମିଳନୀକୁ ମଧ୍ୟ ସେ ସମ୍ବୋଧନ କରିବାର କାର୍ଯ୍ୟସୂଚୀ ରହିଛି ।

# ଓମାନ-ପୀୟୁଷ ଗୋୟଲ-ସିଇପିଏ

ଭାରତ ଓ ଓମାନ ମଧ୍ୟରେ ଆସନ୍ତାକାଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ଓମାନର ସୁଲତାନଙ୍କ ଉପସ୍ଥିତିରେ ସମନ୍ୱିତ ଅର୍ଥନୈତିକ ଭାଗିଦାରୀ ଚୁକ୍ତିନାମା ସ୍ୱାକ୍ଷରିତ ହେବ ବୋଲି ବାଣିଜ୍ୟ ଓ ଶିଳ୍ପମନ୍ତ୍ରୀ ପୀୟୁଷ ଗୋୟଲ କହିଛନ୍ତି । ଆଜି ମସ୍କାଟଠାରେ ଓମାନ-ଭାରତ ବ୍ୟାବସାୟିକ ବୈଠକରେ ଉଦ୍‌ବୋଧନ ଦେଇ ସେ ଏହି ସୂଚନା ଦେଇଛନ୍ତି । ଶ୍ରୀ ଗୋୟଲ କହିଛନ୍ତି ଏହି ରାଜିନାମା ସ୍ୱାକ୍ଷରିତ ହେବା ଫଳରେ ଦୁଇଦେଶର ବିକାଶ ଦିଗରେ ଏକ ନୂତନ ଅଧ୍ୟାୟ ଆରମ୍ଭ ହେବ । ଏଥିସହିତ ଦୁଇଦେଶ ମଧ୍ୟରେ ବାଣିଜ୍ୟ କାରବାର ମଧ୍ୟ ବୃଦ୍ଧି ପାଇବା ସହିତ ବିଭିନ୍ନ କ୍ଷେତ୍ରରେ ଅପାର ସୁଯୋଗ ସୃଷ୍ଟି ହୋଇପାରିବ । ବିଶେଷକରି ଶକ୍ତି, ଭିତ୍ତିଭୂମି, ଖାଦ୍ୟ ସୁରକ୍ଷା ଏବଂ ଷ୍ଟାର୍ଟଅପ୍ ଇକୋସିଷ୍ଟମ ଭଳି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ଏହି ରାଜିନାମା ଦ୍ୱାରା ଦୁଇଦେଶ ଅଧିକ ଲାଭବାନ ହୋଇପାରିବେ ବୋଲି ଶ୍ରୀ ଗୋୟଲ କହିଛନ୍ତି ।

ପୂର୍ବରୁ ଓମାନର ତୃତୀୟ ସର୍ବବୃହତ୍ ବାଣିଜ୍ୟିକ ଭାଗିଦାରୀ ଭାରତର ବାଣିଜ୍ୟମନ୍ତ୍ରୀ ଶ୍ରୀ ଗୋୟଲଙ୍କୁ ତାଙ୍କର ଓମାନ ପ୍ରତିପକ୍ଷ କ୍ୱେସି ଅଲ୍ ୟୁସେଫ୍ ସ୍ୱାଗତ କରି ଓମାନରେ ଭାରତର ପୁଞ୍ଜିନିବେଶ କେବଳ ଏକ ବଜାର ସୃଷ୍ଟି ଉଦ୍ଦେଶ୍ୟରେ ନୁହେଁ ବରଂ ବିକାଶ ଦିଗରେ ଏକ ଦୀର୍ଘସୂତ୍ରୀ କାର୍ଯ୍ୟକ୍ରମ ବୋଲି ସେ କହିଛନ୍ତି ।

# ଏଲ୍ଏସ୍-ନ୍ୟୁକ୍ଲିୟର ବିଲ୍

ଭାରତର ରୂପାନ୍ତରୀକରଣ ଲାଗି ଆଣବିକ ଶକ୍ତିର ବିକାଶ ଏବଂ ନିରନ୍ତର ଉପଯୋଗ ବିଲ୍ ୨୦୨୫ ଆଜି ଲୋକସଭାରେ ପାରିତ ହୋଇଛି । ଦେଶ ତଥା ଦେଶବାସୀଙ୍କ କଲ୍ୟାଣ ଲାଗି ଆଣବିକ ଶକ୍ତିର ସଦ୍ଉପଯୋଗ ଏବଂ ଏହାର ବିକାଶ କରିବା ହେଉଛି ଏହି ବିଲ୍‌ର ମୁଖ୍ୟ ଉଦ୍ଦେଶ୍ୟ । ଏହାର ସୁରକ୍ଷା ଏବଂ ସୁରକ୍ଷିତ ବ୍ୟବହାର ଲାଗି ଏହି ବିଲ୍ ଦ୍ୱାରା ଏକ ସୁ-ବ୍ୟବସ୍ଥିତ ନିୟାମକ କାର୍ଯ୍ୟଖସଡା ପ୍ରସ୍ତୁତ ହୋଇପାରିବ । ଏତଦ୍‌ବ୍ୟତୀତ ଆଣବିକ ଶକ୍ତି ନିୟାମକ ବୋର୍ଡ ଗଠନ ସହିତ ଆଣବିକ ଶକ୍ତି ସମସ୍ୟାର ସମାଧାନ ଲାଗି ପରାମର୍ଶଦାତା ପରିଷଦ ପ୍ରତିଷ୍ଠା ମଧ୍ୟ କରାଯାଇପାରିବ । ଆଣବିକ ଦୁର୍ଘଟଣା ଘଟିଲେ ସେଭଳି ପରିସ୍ଥିତିରେ ଏଥିଲାଗି କେନ୍ଦ୍ର ସରକାରଙ୍କ ଉତ୍ତରଦାୟିତ୍ୱ ରହିବ ବୋଲି ଏହି ବିଲ୍‌ରେ ବ୍ୟବସ୍ଥା ରହିଛି ।

ଆଲୋଚନାର ଉତ୍ତର ଦେଇ ଆଣବିକ ଶକ୍ତି ରାଷ୍ଟ୍ରମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂହ କହିଛନ୍ତି ଦେଶରେ ଏହି ଶକ୍ତିର ସୁରକ୍ଷା, ମାନ ନିର୍ଦ୍ଧାରଣ ଏବଂ ଜରୁରୀକାଳୀନ ପରିସ୍ଥିତି ଲାଗି ପ୍ରସ୍ତୁତି ସମ୍ପର୍କିତ କାର୍ଯ୍ୟଖସଡା ପ୍ରସ୍ତୁତ କରିବା ଦିଗରେ ଏହି ବିଲ୍ ସହାୟକ ହେବ । ସମଗ୍ର ବିଶ୍ୱ ସବୁଜ ଶକ୍ତି ଦିଗରେ ଅଗ୍ରଗତି ହେଉଥିବା ସମୟରେ ୨୦୪୭ ସୁଦ୍ଧା ଦେଶର ଆଣବିକ ଶକ୍ତି କ୍ଷମତା ୧୦୦ ଗିଗାୱାଟ ହାସଲ କରିବା ଲାଗି ସରକାର ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି ବୋଲି ଶ୍ରୀ ସିଂହ କହିଛନ୍ତି ।

**V/O (Jitendra Singh)**

# ପିଏମ୍-କେଭିୱାଇ

ପ୍ରଧାନମନ୍ତ୍ରୀ କୌଶଳ ବିକାଶ ଯୋଜନା - **PMKVY** ଅଧୀନରେ ଗତ ୫ ବର୍ଷ ମଧ୍ୟରେ ୫୩ଲକ୍ଷରୁ ଊର୍ଦ୍ଧ୍ୱ ପ୍ରାର୍ଥୀଙ୍କୁ ପ୍ରଶିକ୍ଷଣ ଦିଆଯାଇଛି ବୋଲି ଦକ୍ଷତା ବିକାଶ ଓ ଉଦ୍ୟମିତା ରାଷ୍ଟ୍ରମନ୍ତ୍ରୀ ଜୟନ୍ତ ଚୌଧୁରୀ କହିଛନ୍ତି । ଆଜି ରାଜ୍ୟସଭାରେ ଏ ସମ୍ପର୍କିତ ଏକ ପ୍ରଶ୍ନର ଲିଖିତ ଉତ୍ତରରେ ଶ୍ରୀ ଚୌଧୁରୀ କହିଛନ୍ତି **PMKVY 4.0** ଅଧୀନରେ ନିଯୁକ୍ତି ହାର ଏବଂ ବିଭିନ୍ନ ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନ ସହିତ ଭାଗିଦାରିକୁ ବୃଦ୍ଧି କରିବା ଦିଗରେ ସରକାର ବିବିଧ ପଦକ୍ଷେପ ନେଇଛନ୍ତି । ଆକଳନ ଅନୁଯାୟୀ ପ୍ରାୟ ୭୦ ଦଶମିକ ୫ ପ୍ରତିଶତ ପ୍ରଶିକ୍ଷାର୍ଥୀ ନିଜନିଜର ଦକ୍ଷତା କ୍ଷେତ୍ରରେ ନିଯୁକ୍ତି ପାଇଛନ୍ତି । ଏହାଛଡା ବିଭିନ୍ନ ରାଜ୍ୟ ସରକାର, ଶିକ୍ଷାନୁଷ୍ଠାନ ତଥା ତାଲିମ ପ୍ରଦାନକାରୀ ସଂସ୍ଥାଙ୍କ ପକ୍ଷରୁ ହସ୍ତଗତ ହୋଇଥିବା ପ୍ରସ୍ତାବ ଅନୁଯାୟୀ ବିଭିନ୍ନ ସ୍ଥାନରେ **PMKVY 4.0** ଯୋଜନା ଅଧୀନରେ ତାଲିମ କେନ୍ଦ୍ରମାନ ସ୍ଥାପନ କରାଯାଇଛି ବୋଲି ଶ୍ରୀ ଚୌଧୁରୀ କହିଛନ୍ତି ।

# କ୍ରିକେଟ୍

ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଆଜି ଲକ୍ଷ୍ନୌର ଭାରତରତ୍ନ ଶ୍ରୀ ଅଟଳବିହାରୀ ବାଜପେୟୀ ଏକନା କ୍ରିକେଟ୍ ଷ୍ଟାଡିୟମ୍‌ଠାରେ ହେବାକୁ ଥିବା ଚତୁର୍ଥ ଟି-ଟ୍ୱେଣ୍ଟି ଆନ୍ତର୍ଜାତିକ କ୍ରିକେଟ୍ ମ୍ୟାଚ୍‌ରେ କୁହୁଡ଼ି ଯୋଗୁଁ ଏପର୍ଯ୍ୟନ୍ତ ଟସ୍ ପଡିପାରି ନାହିଁ । ସଂଧ୍ୟା ୭ଟା ୩୦ ମିନିଟ୍‌ରେ ଅନୁସନ୍ଧାନ ପରେ ଯଦି ସ୍ଥିତି ଅନୁକୂଳ ରୁହେ ତେବେ ଖେଳ ଆରମ୍ଭ ହୋଇପାରେ ବୋଲି ସୂଚନା ମିଳିଛି । ୫ଟିକିଆ ମ୍ୟାଚ୍ ବିଶିଷ୍ଟ ଏହି ସିରିଜ୍‌ରେ ଭାରତ ବର୍ତ୍ତମାନ ସୁଦ୍ଧା ୨-୧ରେ ଆଗୁଆ ରହିଛି । ପଞ୍ଚମ ତଥା ଅନ୍ତିମ ମ୍ୟାଚ୍ ଆସନ୍ତା ଶୁକ୍ରବାର ଅହମ୍ମଦାବାଦର ନରେନ୍ଦ୍ର ମୋଦୀ ଷ୍ଟାଡିୟମ୍ ଠାରେ ଖେଳାଯିବ ।